# ଓଡ଼ିଶାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ନିମନ୍ତେ ଆଦର୍ଶ ଆଚରଣ ବିଧି

## ପରିଚ୍ଛେଦ-୧

## ସାଧାରଣ ଆଚରଣ ବିଧି

୧ । କୌଣସି ରାଜନୈତିକ ଦଳ କିମ୍ବା ପ୍ରାର୍ଥୀ ମୌଖିକ ବା ଲିଖିତଭାବେ ଏପରି କୌଣସି ଭାଷା ବ୍ୟବହାର କରିବେ ନାହିଁ କିମ୍ବା ଏଭଳି କୌଣସି କାର୍ଯ୍ୟ କରିବେ ନାହିଁ ଯାହାକି ବିଭିନ୍ନ ଗୋଷ୍ଠୀ ଓ ସଂପ୍ରଦାୟ ମଧ୍ୟରେ ଧର୍ମ, ଲିଙ୍ଗ, ଜନ୍ମସ୍ଥାନ, ଭାଷା, ଜାତି କିମ୍ବା ଗୋଷ୍ଠୀଭିତ୍ତିରେ ଅସୂୟାଭାବ, ଶତ୍ରୁତା ବା ଘୃଣାଭାବ ସୃଷ୍ଟି କରିବ ।

୨ । କୌଣସି ରାଜନୈତିକ ଦଳ କିମ୍ବା ପ୍ରାର୍ଥୀ ପ୍ରକାଶ୍ୟ ବା ଗୁପ୍ତ ଭାବରେ ଏଭଳି କୌଣସି ହିଂସାତ୍ମକ କାର୍ଯ୍ୟକଳାପର ଆଶ୍ରୟ ନେବେ ନାହିଁ ବା ସେସବୁକୁ ଉତ୍ସାହିତ କରିବେ ନାହିଁ ଯଦ୍ଦ୍ୱାରା ସାଧାରଣ ଶାନ୍ତିଶୃଙ୍ଖଳା ଭଙ୍ଗ ହେବା ସହିତ ଭୋଟରମାନଙ୍କ ମନରେ ଭୟ ବା ନିରାପତ୍ତା ବିପନ୍ନ ଆଶଙ୍କା ସୃଷ୍ଟି କରିବ ।

୩ । କୌଣସି ଧାର୍ମିକ ସ୍ଥାନ, ସରକାରୀ ଭବନ ବା କାର୍ଯ୍ୟାଳୟ ବା ଶିକ୍ଷାନୁଷ୍ଠାନ ପରିସରରେ ନିର୍ବାଚନ ପ୍ରଚାର/ସଭା/କର୍ମୀ ସମ୍ମିଳନୀ ଇତ୍ୟାଦି କରାଯାଇପାରିବନାହିଁ ।

୪ । ଜଣେ ଆଶାୟୀ ପ୍ରାର୍ଥୀଙ୍କୁ ଏପରି କୌଣସି ପ୍ରକାରର ବାଧା କିମ୍ବା ଭୟ ପ୍ରଦାନ କରାଯାଇପାରିବନାହିଁ ଯାହାକି ତାଙ୍କୁ ପ୍ରାର୍ଥୀପତ୍ର ଦାଖଲ କରିବାରେ ଅନ୍ତରାୟ ସୃଷ୍ଟି କରିବ ।

୫ । ସମସ୍ତ ରାଜନୈତିକ ଦଳ ଓ ପ୍ରାର୍ଥୀ ନିର୍ବାଚନ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ସହଯୋଗ କରିବେ ।

୬ । ନିର୍ବାଚନ ଆଇନ ଅନୁଯାୟୀ "ଦୁର୍ନୀତି" ଏବଂ "ଅପରାଧ" ବିବେଚିତ ସମସ୍ତ କାର୍ଯ୍ୟରୁ ସମସ୍ତ ରାଜନୈତିକ ଦଳ ଏବଂ ପ୍ରାର୍ଥୀ ନିବୃତ୍ତ ରହିବେ ।

## ପରିଚ୍ଛେଦ-୨

## ସଭାସମିତି, ଶୋଭାଯାତ୍ରା, ଭୋଟ ପ୍ରାର୍ଥନା ଓ ପ୍ରଚାର

୧ । କୌଣସି ରାଜନୈତିକ ଦଳ ବା ପ୍ରାର୍ଥୀ କୌଣସି ଭୋଟର ବା ଭୋଟର ଗୋଷ୍ଠୀଙ୍କୁ କୌଣସି ପ୍ରକାର ପ୍ରଲୋଭନ ଦେଇପାରିବେନାହିଁ ଯାହାକି ଭୋଟରମାନଙ୍କୁ ସେମାନଙ୍କର ଭୋଟଦେବା ଅଧିକାରକୁ ମୁକ୍ତ ଭାବରେ ସାବ୍ୟସ୍ତ କରିବାରେ ବାଧା ସୃଷ୍ଟି କରିବ ।

୨ । କୌଣସି ରାଜନୈତିକ ଦଳ ପ୍ରାର୍ଥୀଙ୍କ ନିର୍ବାଚନ ସଭା ଚାଲିଥିବାବେଳେ ବିରୋଧୀ ରାଜନୈତିକ ଦଳ ବା ସେମାନଙ୍କ ସମର୍ଥକ କୌଣସି ପ୍ରକାର ବିଶୃଙ୍ଖଳା ବା ବାଧା ସୃଷ୍ଟି କରିବେ ନାହିଁ ।

୩ । ସର୍ବସାଧାରଣ ସ୍ଥାନରେ ନିର୍ବାଚନ ସଭା କରିବା ଓ ସର୍ବସାଧାରଣ ରାସ୍ତାରେ ଶୋଭାଯାତ୍ରା ନେବା ନିମନ୍ତେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠାରୁ ଆଗୁଆ ଅନୁମତି ନେବା ଆବଶ୍ୟକ । ଯେଉଁ ଅଞ୍ଚଳରେ କୌଣସି ପ୍ରକାର ନିଷେଧାଜ୍ଞା ବଳବତ୍ତର ଥିବ, ତାହା କଡ଼ାକଡ଼ିଭାବେ ପାଳନ କରିବାକୁ ହେବ । ସାଧାରଣ ସ୍ଥାନମାନଙ୍କରେ ନିର୍ବାଚନ ସଭା ଓ ସର୍ବସାଧାରଣ ରାସ୍ତାରେ ଶୋଭାଯାତ୍ରା ନେବା ନିମନ୍ତେ ଅନୁମତି ଦେବା ସମୟରେ ସମ୍ପୃକ୍ତ କର୍ତ୍ତୃପକ୍ଷ 'ପ୍ରଥମ ଯିଏ ଆସିବେ ତାଙ୍କୁ ପ୍ରଥମେ ଅନୁମତି ଦିଆଯିବ' ଭିତ୍ତିରେ ଅନୁମତି ଦେବେ । କୌଣସି ସାଧାରଣ ସଭା ବା ଶୋଭାଯାତ୍ରା ଆୟୋଜନ କରିବାବେଳେ ସ୍ଥାନୀୟ ପୁଲିସ୍ ଓ ମାଜିଷ୍ଟ୍ରେଟଙ୍କୁ ଆଗତୁରା ଜଣାଇବା ଏବଂ ସେମାନଙ୍କର ନିର୍ଦ୍ଦେଶ, ଆଦେଶ ଓ ବାରଣ ମାନିବା ଆବଶ୍ୟକ ।

୪ । ଅନ୍ୟ ଦଳର ନେତା ତଥା ପ୍ରାର୍ଥୀମାନଙ୍କର ଚରିତ୍ର ସଂହାରଦ୍ୱାରା ମନ୍ଦ ମନୋଭାବ ଓ ଉତ୍ତେଜନା ସୃଷ୍ଟି ହେବାର ସମ୍ଭାବନା ଥିବାରୁ ସେଥିରୁ ସମସ୍ତେ ନିବୃତ୍ତ ରହିବେ ।

୫ । ସର୍ବସାଧାରଣରେ ରାଜନୈତିକ ଦଳ ନେତାଙ୍କର କୁଶପୁତ୍ତଳିକା ଦାହ କରିବା, ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କର ବ୍ୟକ୍ତିଗତ ଜୀବନ ଏବଂ ଅପ୍ରମାଣିତ ଅଭିଯୋଗ ଭିତ୍ତିରେ କୌଣସି ରାଜନୈତିକ ଦଳକୁ ସମାଲୋଚନା କରିବାରୁ ସମସ୍ତେ ବିରତ ରହିବେ । କୌଣସି ନାଗରିକଙ୍କ ବାସସ୍ଥାନ କିମ୍ବା ସରକାରୀ ଅଫିସ୍ ଆଗରେ କୌଣସି ପ୍ରକାରର ବିକ୍ଷୋଭ କିମ୍ବା ଧାରଣା ପ୍ରଦର୍ଶନ କରାଯାଇପାରିବ ନାହିଁ ।

୬ । ଡାକବାଜି ଯନ୍ତ୍ର ବ୍ୟବହାର ନିମନ୍ତେ ସଂପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ଆଗୁଆ ମଞ୍ଜୁରୀ ଆଣିବାକୁ ହେବ । ରାତି ୮ ଘଟିକା ପରେ ଏବଂ ସକାଳ ୭ ଘଟିକା ପୂର୍ବରୁ ଯେକୌଣସି ପରିସ୍ଥିତିରେ ମଧ୍ୟ ଡାକବାଜି ଯନ୍ତ୍ର ବ୍ୟବହାର କରାଯାଇପାରିବନାହିଁ । ଭୋଟ ଗ୍ରହଣ ପାଇଁ ଧାର୍ଯ୍ୟ ସମୟର ୩୬ ଘଣ୍ଟା ପୂର୍ବରୁ ଡାକବାଜି ଯନ୍ତ୍ର ବ୍ୟବହାର ସଂପୂର୍ଣ୍ଣରୂପେ ନିଷିଦ୍ଧ ।

୭ । ସରକାରୀ ଅଫିସ୍ ଏବଂ ଶିକ୍ଷା ଓ ଧାର୍ମିକ ଅନୁଷ୍ଠାନ/ପୀଠମାନଙ୍କର କାନ୍ଥବାଡ ଓ ସର୍ବସାଧାରଣ ରାସ୍ତା ଆଦିରେ ବିଜ୍ଞାପନ, ପ୍ରଚାରପତ୍ର, ପ୍ରଚାର ପତାକା ଲଗାଇବା କିମ୍ବା ପ୍ରଚାର ଘୋଷ ଲେଖିବା ନିଷିଦ୍ଧ । ଘରୋଇ କାନ୍ଥବାଡ କିମ୍ବା ଖାଲି ସ୍ଥାନରେ ଘର/ଜମି ମାଲିକଙ୍କ ଲିଖିତ ଅନୁମତି ନେଇ ପ୍ରଚାରପତ୍ର ଲଗାଯାଇପାରେ ବା ଲେଖାଯାଇପାରେ ।

୮ । ନିର୍ବାଚନ ପ୍ରଚାରରେ ବ୍ୟବହୃତ ହେଉଥିବା ସମସ୍ତ ପ୍ରକାର ପ୍ରଚାରପତ୍ରରେ ମୁଦ୍ରାକର ଓ ପ୍ରକାଶକଙ୍କର ନାମ ଲିପିବଦ୍ଧ ହେବା ଆବଶ୍ୟକ ଯାହାଦ୍ୱାରା ଆପତ୍ତିଜନକ/ଅସମ୍ମାନସୂଚକ ଏବଂ ବେଆଇନ ଲେଖା ସମ୍ବଳିତ ପ୍ରଚାରପତ୍ର ପାଇଁ ମୁଦ୍ରାକର ଓ ପ୍ରକାଶକଙ୍କୁ ପରବର୍ତ୍ତୀ ସମୟରେ ଉତ୍ତରଦାୟୀ କରାଯାଇପାରିବ ।

୯ । ଭୋଟ ଗ୍ରହଣ ଆରମ୍ଭ ପାଇଁ ଧାର୍ଯ୍ୟ ସମୟର ୩୬ ଘଣ୍ଟା ପୂର୍ବରୁ କୌଣସି ଭୋଟ ଗ୍ରହଣ କେନ୍ଦ୍ର ନିକଟରେ ରାଜନୈତିକ ଦଳ ବା ପ୍ରାର୍ଥୀମାନେ ସାଧାରଣ ସଭା ଆୟୋଜନ କରିବେ ନାହିଁ କିମ୍ବା ସେଥିରେ ଯୋଗଦେଇପାରିବେନାହିଁ ।

୧୦ । ନିର୍ଦ୍ଦଳୀୟ ଭିତ୍ତିରେ ଯେଉଁ ପଦବୀଗୁଡ଼ିକ ପାଇଁ ନିର୍ବାଚନ ଅନୁଷ୍ଠିତ ହେଉଛି ସେହି ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ କୌଣସି ରାଜନୈତିକ ଦଳର ନାମ କିମ୍ବା ଚିହ୍ନ ବ୍ୟବହାର କରି ନିର୍ବାଚନ ପ୍ରଚାର କରିବେ ନାହିଁ ।

## ପରିଚ୍ଛେଦ-୩

## ଭୋଟ ଗ୍ରହଣ ଅଞ୍ଚଳ ଓ ଭୋଟ ଗ୍ରହଣ ଦିବସ

୧ । ସମସ୍ତ ରାଜନୈତିକ ଦଳ ଓ ପ୍ରାର୍ଥୀ ଭୋଟ ଗ୍ରହଣ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ସହଯୋଗ କରିବେ ।

୨ । ଭୋଟଦାନ ଦିବସରେ ସମସ୍ତ ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନେ ପ୍ରତ୍ୟେକ ଭୋଟ ଦାନ କେନ୍ଦ୍ରର ୧୦୦ ମିଟର ଦୂରତା ମଧ୍ୟରେ ଅବସ୍ଥିତ ସର୍ବସାଧାରଣ କିମ୍ବା ଘରୋଇ ସ୍ଥାନରେ ନିମ୍ନୋକ୍ତ କାର୍ଯ୍ୟମାନ କରିବେ ନାହିଁ :—

(କ) ଭୋଟ ପାଇଁ ପ୍ରଚାର

(ଖ) କୌଣସି ଭୋଟରଙ୍କୁ ଭୋଟ ପାଇଁ ପ୍ରାର୍ଥନା

(ଗ) କୌଣସି ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ଭୋଟ ନ ଦେବାକୁ ଭୋଟରଙ୍କୁ ପ୍ରବର୍ତ୍ତାଇବା

(ଘ) ସରକାରୀ ନୋଟିସ୍ କିମ୍ବା ସଙ୍କେତ ବ୍ୟତୀତ ନିର୍ବାଚନ ସଂକ୍ରାନ୍ତୀୟ ଅନ୍ୟ କୌଣସି ନୋଟିସ୍ ବା ଚିହ୍ନ ପ୍ରଦର୍ଶନ ।

୩ । କୌଣସି ଭୋଟରଙ୍କ ମୁକ୍ତ ମତଦାନ ଅଧିକାର ସାବ୍ୟସ୍ତିରେ ଅନ୍ତରାୟ ହେବା ଭଳି ବାଧା, ଧମକ କିମ୍ବା ବିରକ୍ତିଭାବ ପ୍ରଦର୍ଶନ କରାଯାଇପାରିବନାହିଁ ।

୪ । କୌଣସି ରାଜନୈତିକ ଦଳ କିମ୍ବା ପ୍ରାର୍ଥୀ ସେମାନଙ୍କର କର୍ମୀ ବା ସମର୍ଥକଙ୍କୁ ଭୋଟଗ୍ରହଣ ଦିନ ଏବଂ ତା'ର ୨୪ ଘଣ୍ଟା ପୂର୍ବରୁ ମଦ କିମ୍ବା ଅନ୍ୟ କୌଣସି ନିଶାଦ୍ରବ୍ୟ ସେବନ କରିବାକୁ ଦେବେନାହିଁ ।

୫ । ସମସ୍ତ ରାଜନୈତିକ ଦଳ ଓ ପ୍ରାର୍ଥୀ ସେମାନଙ୍କର କ୍ଷମତାପ୍ରାପ୍ତ କର୍ମୀମାନଙ୍କୁ ଚିହ୍ନଟ ବ୍ୟାଜ୍ ଅଥବା ପରିଚୟପତ୍ର ପ୍ରଦାନ କରିବେ ।

୬ । ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ଭୋଟଦାତାମାନଙ୍କୁ କେବଳ ସାଧା ଧଳା କାଗଜରେ ପରିଚୟପତ୍ର ଦେଇପାରିବେ । ଉକ୍ତ ପରିଚୟପତ୍ରରେ ପ୍ରାର୍ଥୀ ବା ରାଜନୈତିକ ଦଳର ନାମ କିମ୍ବା ଚିହ୍ନ ରହିବନାହିଁ ।

୭ । ପ୍ରାର୍ଥୀମାନଙ୍କ ଦ୍ୱାରା ଭୋଟ୍ ଗ୍ରହଣ କେନ୍ଦ୍ରର ୧୦୦ ମିଟର ବାହାରେ ସ୍ଥାପିତ କ୍ୟାମ୍ପରେ କୌଣସି ପ୍ରକାର ପ୍ରାଚୀରପତ୍ର, ପତାକା, ସଂକେତ ଅଥବା ଅନ୍ୟ କୌଣସି ପ୍ରଚାର ସାମଗ୍ରୀ ପ୍ରଦର୍ଶିତ ହୋଇପାରିବନାହିଁ । ଉକ୍ତ କ୍ୟାମ୍ପରେ କୌଣସି ପ୍ରକାର ଖାଦ୍ୟଦ୍ରବ୍ୟ ପରିବେଷଣ ହୋଇପାରିବ ନାହିଁ କିମ୍ବା ଲୋକ ଜମାହେବାକୁ ଦିଆଯିବନାହିଁ ।

୮ । ସମସ୍ତ ରାଜନୈତିକ ଦଳ ଓ ପ୍ରାର୍ଥୀ ଭୋଟ୍ ଗ୍ରହଣ ଦିନ ଯାନବାହନ ଚଳାଚଳ ପାଇଁ ଯେଉଁ କଟକଣା ଧାର୍ଯ୍ୟ କରାଯିବ, ସେସବୁକୁ ପାଳନ କରିବା ଦିଗରେ କର୍ତ୍ତୃପକ୍ଷଙ୍କ ସହିତ ସହଯୋଗ କରିବେ । ସେମାନଙ୍କର ଅଧିକୃତ ଯାନବାହନ ଚଳାଚଳ ନିମନ୍ତେ ସଂପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ପର୍‌ମିଟ୍ ସଂଗ୍ରହ କରି ଉକ୍ତ ଯାନବାହନରେ ପ୍ରଦର୍ଶନ କରିବେ । ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ତରଫରୁ ଯାନବାହନରେ ଭୋଟରମାନଙ୍କୁ ଭୋଟ୍ ଗ୍ରହଣ କେନ୍ଦ୍ରକୁ ନେବା ଓ ଆଣିବା ସଂପୂର୍ଣ୍ଣ ନିଷିଦ୍ଧ ।

୯ । ଭୋଟର ଏବଂ ପ୍ରାଧିକୃତ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ରାଜ୍ୟ ନିର୍ବାଚନ କମିସନ ବା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ବିନା ଅନୁମତିରେ ଭୋଟ୍ ଗ୍ରହଣ କେନ୍ଦ୍ରରେ ପ୍ରବେଶ କରିପାରିବେନାହିଁ । କୌଣସି ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ, ଉପମନ୍ତ୍ରୀ, ମୁଖ୍ୟ ସଚେତକ, ଉପମୁଖ୍ୟ ସଚେତକ, ବିରୋଧୀଦଳ ନେତା, ପାର୍ଲିଆମେଣ୍ଟ ତଥା ବିଧାନସଭା ସଦସ୍ୟ, ଜିଲ୍ଲା ପରିଷଦ ଅଧକ୍ଷ ଓ ଉପାଧକ୍ଷ, ପୌର ସଂସ୍ଥାର ଅଧକ୍ଷ ଓ ଉପାଧକ୍ଷ ସଂପୃକ୍ତ ଭୋଟ୍ ଗ୍ରହଣ କେନ୍ଦ୍ର ନିମନ୍ତେ ନିଜେ ପ୍ରାର୍ଥୀ କିମ୍ବା ଭୋଟଦାତା ଅଥବା କ୍ଷମତାସମ୍ପନ୍ନ ଏଜେଣ୍ଟ ନ ହୋଇଥିଲେ, ଉକ୍ତ କେନ୍ଦ୍ରକୁ ଭୋଟ୍ ଗ୍ରହଣ ଚାଲିଥିବାବେଳେ ଯାଇପାରିବେନାହିଁ ।

୧୦ । ଯଦି କୌଣସି ରାଜନୈତିକ ଦଳ ଅଥବା ପ୍ରାର୍ଥୀ ନିର୍ବାଚନ ସଂକ୍ରାନ୍ତୀୟ କୌଣସି ନିର୍ଦ୍ଦିଷ୍ଟ ସମସ୍ୟାର ସମ୍ମୁଖୀନ ହୁଅନ୍ତି, ସେସବୁର ସମାଧାନ ନିମନ୍ତେ ରାଜ୍ୟ ନିର୍ବାଚନ ଆୟୋଗ ସଂପୃକ୍ତ ଅଞ୍ଚଳ ଦାୟିତ୍ୱରେ ଥିବା ନିର୍ବାଚନ ପର୍ଯ୍ୟବେକ୍ଷକ କିମ୍ବା ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟିକୁ ଆଣିପାରିବେ ।

## ପରିଚ୍ଛେଦ-୪

## କ୍ଷମତାସୀନ ଦଳ ଏବଂ ଉଚ୍ଚ ପଦପଦବୀରେ ଥିବା ବ୍ୟକ୍ତିବିଶେଷ

କେନ୍ଦ୍ରରେ କିମ୍ବା ସମ୍ବନ୍ଧିତ ରାଜ୍ୟରେ କ୍ଷମତାରେ ଥିବା ରାଜନୈତିକ ଦଳ/ଦଳମାନେ ନିର୍ବାଚନ ପ୍ରଚାର କାର୍ଯ୍ୟରେ ସରକାରୀ କ୍ଷମତାର ବ୍ୟବହାର ସଂପର୍କରେ ଯେପରି କୌଣସି ଅଭିଯୋଗ ନ ଆସେ, ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବେ, ବିଶେଷ କରି :—

୧ । ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ ଓ ଉପମନ୍ତ୍ରୀ, ସରକାରୀ ମୁଖ୍ୟ ସଚେତକ, ଉପମୁଖ୍ୟ ସଚେତକ, ବିରୋଧୀଦଳ ନେତା, ପାର୍ଲିଆମେଣ୍ଟ ତଥା ବିଧାନସଭା ସଦସ୍ୟ, ଜିଲ୍ଲା ପରିଷଦ ଅଧକ୍ଷ, ଉପାଧକ୍ଷ ଏବଂ ଅନ୍ୟ ଯେଉଁମାନଙ୍କୁ ସରକାରୀ ସୁବିଧାସୁଯୋଗ ଓ ସରକାରୀ ଗାଡ଼ି ଯୋଗାଇ ଦିଆଯାଇଛି, ସେମାନେ ସରକାରୀ ଗସ୍ତରେ ଯିବା ସମୟରେ ତାହା ସହିତ ନିର୍ବାଚନ ପ୍ରଚାର କାର୍ଯ୍ୟକୁ ସାମିଲ କରିବେନାହିଁ । ସେମାନେ ସରକାରୀ କଳ କିମ୍ବା ସରକାରୀ କର୍ମଚାରୀ କିମ୍ବା ସରକାରୀ ଯାନବାହନ କିମ୍ବା ସର୍କିଟ୍ ହାଉସ୍, ଡାକବଙ୍ଗଳା ଇତ୍ୟାଦି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ନିର୍ବାଚନ ପ୍ରଚାର କାର୍ଯ୍ୟରେ ବ୍ୟବହାର କରିପାରିବେ ନାହିଁ ।

୨ । ଉପରୋକ୍ତ ଅନୁଚ୍ଛେଦ (୧) ରେ ଉଲ୍ଲିଖିତ ପଦାଧିକାରୀମାନେ ନିର୍ବାଚନ ସଭାରେ ଭାଷଣ ଦେବା କିମ୍ବା ନିର୍ବାଚନ ସଂକ୍ରାନ୍ତୀୟ ରାଜନୈତିକ କାର୍ଯ୍ୟରେ କୌଣସି ଅଞ୍ଚଳକୁ ଗସ୍ତ କରିବା ସମୟରେ ସରକାରୀ ଗାଡ଼ି ବ୍ୟବହାର କରିପାରିବେନାହିଁ । ସେମାନଙ୍କର ଏହି ଗସ୍ତ ସମୟରେ ସରକାରୀ ଅଫିସରମାନଙ୍କର କାର୍ଯ୍ୟ କେବଳ ଆଇନଶୃଙ୍ଖଳା ରକ୍ଷା କରିବା ଓ ଉପରୋକ୍ତ ପଦାଧିକାରୀଙ୍କୁ ନିୟମାନୁଯାୟୀ ନିରାପତ୍ତା ଯୋଗାଇ ଦେବାରେ ସୀମିତ ରହିବ ।

୩ । କାର୍ଯ୍ୟକାରୀ ଅବସ୍ଥାରେ ଥିବା ସାଧାରଣ ଉନ୍ନୟନ କାର୍ଯ୍ୟ ଏବଂ ଯୋଜନାମାନ, ରିଲିଫ୍ ଓ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ଅଞ୍ଚଳର ପୁନରୁଦ୍ଧାର କାର୍ଯ୍ୟ, ମରୁଡି ପ୍ରପୀଡ଼ିତ ଅଞ୍ଚଳରେ ଶ୍ରମଭିତ୍ତିକ କାର୍ଯ୍ୟକ୍ରମ ଏବଂ ବିଧାନସଭା ଦ୍ୱାରା ଖର୍ଚ୍ଚ ଅନୁମୋଦିତ ହୋଇଥିବା କାର୍ଯ୍ୟଗୁଡିକ ଚାଲୁରହିବ । କୌଣସି ନୂତନ କାର୍ଯ୍ୟକ୍ରମ, ଯୋଜନା ଓ ପ୍ରକଳ୍ପ ଆରମ୍ଭ କରାଯାଇପାରିବନାହିଁ କିମ୍ବା ସରକାରଙ୍କଦ୍ୱାରା କୌଣସି ପ୍ରକାର ଆର୍ଥିକ ପ୍ରୋତ୍ସାହନ ସଂକ୍ରାନ୍ତୀୟ ପ୍ରତିଶ୍ରୁତି ବା ଘୋଷଣା ଯାହାକି କ୍ଷମତାସୀନ ଦଳ/ଦଳମାନଙ୍କର ପ୍ରାର୍ଥୀଙ୍କ ବିଜୟ ସମ୍ଭାବନାକୁ ବୃଦ୍ଧି କରିବାରେ ସହାୟକ ହେଉଥିବ, କରାଯାଇପାରିବନାହିଁ ।

(i) ଭୋଟରଙ୍କୁ ପ୍ରଭାବିତ କଲାଭଳି କୌଣସି ନିଷ୍ପତ୍ତି ବା ଘୋଷଣାନାମା ଜାରି କରାଯିବନାହିଁ ଯାହାକି କ୍ଷମତାସୀନ ଦଳକୁ ସାହାଯ୍ୟ କରିବ ।

(ii) ସରକାରଙ୍କଦ୍ୱାରା କୌଣସି ସରକାରୀ ବିଭାଗଦ୍ୱାରା ବଜେଟ୍‌ରେ ଅନୁମୋଦନ କଲାଭଳି କୌଣସି କାର୍ଯ୍ୟ ଆଦେଶନାମା ନିର୍ବାଚନ ବିଜ୍ଞପ୍ତି ପୂର୍ବରୁ ଜାରିହୋଇ ଯଦି ପ୍ରକୃତରେ କାମ ଆରମ୍ଭ ହୋଇ ନ ଥାଏ, ତେବେ ଆଦର୍ଶ ଆଚରଣ ବିଧି ବଳବତ୍ତର ଥିବା ସମୟରେ ତାହା ଆରମ୍ଭ ହୋଇପାରିବନାହିଁ ।

ଏ କ୍ଷେତ୍ରରେ କୌଣସି ସନ୍ଦେହ ଉପୁଜିଲେ ରାଜ୍ୟ ନିର୍ବାଚନ କମିସନଙ୍କଠାରୁ ସ୍ପଷ୍ଟୀକରଣ ଲୋଡିବାକୁ ପରାମର୍ଶ ଦିଆଯାଉଅଛି ।

୪ । କୌଣସି ନିର୍ବାଚନମଣ୍ଡଳୀରେ ସରକାରଙ୍କଦ୍ୱାରା ଅଥବା ପାର୍ଲିଆମେଣ୍ଟ ଓ ବିଧାନସଭା ସଦସ୍ୟଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିଦ୍ୱାରା ସମ୍ପୂର୍ଣ୍ଣ ବା ଆଂଶିକ ଆର୍ଥିକ ସହାୟତାରେ କାର୍ଯ୍ୟକାରୀ ହେଉଥିବା ଯୋଜନା, ପ୍ରକଳ୍ପ ବା କାର୍ଯ୍ୟର ଭୂମି ପୂଜା, ଭିତ୍ତିପ୍ରସ୍ତର ସ୍ଥାପନ ବା ଉଦ୍‌ଘାଟନ ଆଦି ଉତ୍ସବ, ମନ୍ତ୍ରୀ ବା କୌଣସି ପଦବୀଧାରୀଙ୍କଦ୍ୱାରା କରାଯାଇପାରିବନାହିଁ । ଗ୍ରାମାଞ୍ଚଳ ଅଧିବାସୀଙ୍କ ନିମନ୍ତେ ମୁଖ୍ୟତଃ ଉଦ୍ଦିଷ୍ଟ ଯଦି କୌଣସି କାର୍ଯ୍ୟ, ପ୍ରକଳ୍ପ ବା ଯୋଜନା ସମ୍ବନ୍ଧୀୟ ଉତ୍ସବାନୁଷ୍ଠାନ ସହରାଞ୍ଚଳରେ ଆୟୋଜନ କରାଯାଉଥାଏ, ସେପରି କ୍ଷେତ୍ରରେ ମଧ୍ୟ ଏହିଭଳି ଉତ୍ସବାନୁଷ୍ଠାନ ନିଷିଦ୍ଧ ।

୫ । କୌଣସି ପ୍ରକାର ଆର୍ଥିକ ଅନୁଦାନର ଘୋଷଣା ବା ପ୍ରତିଶ୍ରୁତି କିମ୍ବା ପାର୍ଲିଆମେଣ୍ଟ ଓ ବିଧାନସଭା ସଦସ୍ୟଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ପ୍ରକଳ୍ପ ମଞ୍ଜୁରୀ ନିମନ୍ତେ ସୁପାରିଶ କରିପାରିବେନାହିଁ ।

୬ । ଉଭୟ ସହର ଓ ଗ୍ରାମାଞ୍ଚଳରେ ଅବସ୍ଥିତ ଅତିଥି ଭବନ, ଡାକବଙ୍ଗଳା, ସର୍କିଟ୍ ହାଉସ୍, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଂସ୍ଥାଦ୍ୱାରା ପରିଚାଳିତ ଅତିଥିଶାଳା ବ୍ୟବହାର ନିମନ୍ତେ ସେଗୁଡିକର ସଂରକ୍ଷଣ ନିୟମ ଅନୁଯାୟୀ ସମସ୍ତ ରାଜନୈତିକ ଦଳର ନେତା ବା ପ୍ରାର୍ଥୀମାନଙ୍କୁ ନିରପେକ୍ଷ ଭାବେ ପ୍ରଦାନ କରାଯାଇପାରିବ । କିନ୍ତୁ ଏହି ସୁବିଧାକୁ ସେମାନେ ପ୍ରଚାର କାର୍ଯ୍ୟ ବା କର୍ମୀ ସମ୍ମିଳନୀ ଆଦି ନିର୍ବାଚନ ପ୍ରଚାର କାର୍ଯ୍ୟରେ ବ୍ୟବହାର କରିପାରିବେନାହିଁ ।

୭ । ଭୋଟରମାନଙ୍କୁ ନିର୍ବାଚନରେ ପ୍ରଭାବିତ କରିବା ଭଳି ବିଜ୍ଞାପନ ବା ପ୍ରଶସ୍ତିପତ୍ର କେନ୍ଦ୍ର କିମ୍ବା ରାଜ୍ୟ ସରକାର ଅଥବା କୌଣସି ସରକାରୀ ଉଦ୍ୟୋଗ, ସମବାୟ ସମିତି ବା ସରକାରୀ ନିଗମ ପ୍ରକାଶ କରିପାରିବନାହିଁ ।

୮ । ଗଣମାଧ୍ୟମ, ଯଥା ରେଡିଓ, ଟେଲିଭିଜନ ଏପରି କୌଣସି ସମ୍ବାଦ ବା ଦୃଶ୍ୟ ପ୍ରଚାର ବା ପ୍ରସାରଣ କରିବେ ନାହିଁ ଯାହାକି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ବା ପ୍ରାର୍ଥୀଙ୍କ ସପକ୍ଷରେ ଭୋଟରମାନଙ୍କୁ ପ୍ରଭାବିତ କଲାଭଳି ହେବ ।

୯ । ଏହି ପରିଚ୍ଛେଦ ଅନ୍ତର୍ଗତ ସମସ୍ତ ନିର୍ଦ୍ଦେଶ ଓ କଟକଣା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ସରକାରୀ ନିଗମ ଓ କମ୍ପାନୀଗୁଡ଼ିକର ବେସରକାରୀ ଅଧ୍ୟକ୍ଷ ଓ ନିର୍ଦ୍ଦେଶକ, ପଞ୍ଚାୟତିରାଜ ଅନୁଷ୍ଠାନ, ପୌର ପରିଷଦମାନଙ୍କର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ଏବଂ ଶୀର୍ଷ ସମବାୟ ସମିତି ସମେତ ଅନ୍ୟ ସମସ୍ତ ସମବାୟ ସମିତିର ଅଧ୍ୟକ୍ଷ ଏବଂ ସରକାରୀ ଅର୍ଥ ବିନିଯୋଗ ହୋଇଥିବା କିମ୍ବା ସରକାରୀ ଅର୍ଥ ଅନୁଦାନ ପାଉଥିବା ସମସ୍ତ ବିନିଯୋଗ ହୋଇଥିବା କିମ୍ବା ସରକାରୀ ଅର୍ଥ ଅନୁଦାନ ପାଉଥିବା ସମସ୍ତ ସଂସ୍ଥା ଓ ତା'ର କର୍ତ୍ତୃପକ୍ଷଙ୍କ କ୍ଷେତ୍ରରେ ଲାଗୁହେବ ।

ଏହି ଆଦର୍ଶ ଆଚରଣ ବିଧି ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିର୍ବାଚନ ବିଜ୍ଞପ୍ତି ପ୍ରକାଶନ ହେବା ଦିନଠାରୁ ଲାଗୁ ହେବ ଏବଂ ତ୍ରିସ୍ତରୀୟ ପଞ୍ଚାୟତ ଅନୁଷ୍ଠାନଗୁଡ଼ିକ ପାଇଁ ଭୋଟ ଗଣତି ସମାପ୍ତି ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ ।

## ନିର୍ବାଚନ ଦୁର୍ନୀତି

### ପଞ୍ଚାୟତ ଆଇନରେ ନିର୍ବାଚନ ଦୁର୍ନୀତି ଏବଂ ତତ୍‌ସଂକ୍ରାନ୍ତୀୟ ଦଣ୍ଡବିଧି ବ୍ୟବସ୍ଥାର ଉଦ୍ଧୃତାଂଶ

**୧ । ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ, ୧୯୬୪**

### ପଞ୍ଚମ ଅଧ୍ୟାୟ

ଦଫା ୪୧—ଏହି ଅଧ୍ୟାୟର ଉଦ୍ଦେଶ୍ୟରେ ନିମ୍ନଲିଖିତମାନଙ୍କୁ ଦୁର୍ନୀତିରୂପେ ଗଣ୍ୟ କରାଯିବ :—

୧ । ଉତ୍କୋଚ ଅର୍ଥାତ୍ ପ୍ରାର୍ଥୀଙ୍କଦ୍ୱାରା କିମ୍ବା ତାଙ୍କ ତରଫରୁ ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ଦିଆଯାଉଥିବା ଯେକୌଣସି ଉପହାର ପ୍ରସ୍ତାବ କିମ୍ବା ଅଙ୍ଗୀକାର କିମ୍ବା କୌଣସି ବ୍ୟକ୍ତିଙ୍କୁ ଯେକୌଣସି ଲାଞ୍ଚ :—

(i) ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଭାବରେ ମତେଇବା ବା ପ୍ରବର୍ତ୍ତାଇବା ଉଦ୍ଦେଶ୍ୟରେ—

(କ) ନିର୍ବାଚନରେ ଛିଡା ହେବାକୁ ଅଥବା ନ ହେବାକୁ କିମ୍ବା ନିର୍ବାଚନରୁ ଓହରି ଯିବାକୁ ଅଥବା ପ୍ରତିଦ୍ୱନ୍ଦ୍ୱିତାରୁ ଓହରି ଯିବାକୁ କୌଣସି ବ୍ୟକ୍ତିଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପ୍ରବର୍ତ୍ତାଏ ।

(ଖ) ଭୋଟଦାତାଙ୍କୁ ଭୋଟ ଦେବାକୁ ଅଥବା ଭୋଟ ନ ଦେବାକୁ କୌଣସି ବ୍ୟକ୍ତିଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ପ୍ରବର୍ତ୍ତାଏ ।

(ii) ପାରିତୋଷିକ ଦେଇ—

(କ) କୌଣସି ବ୍ୟକ୍ତିଙ୍କୁ ପ୍ରାର୍ଥୀରୂପେ ନିର୍ବାଚନରେ ଛିଡା ହେବାକୁ ଅଥବା ନ ହେବାକୁ କିମ୍ବା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାକୁ କିମ୍ବା ପ୍ରତିଦ୍ୱନ୍ଦ୍ୱିତାରୁ ଓହରି ଯିବାକୁ ପାରିତୋଷିକ ଦିଏ ।

(ଖ) କୌଣସି ଭୋଟଦାତାଙ୍କୁ ଭୋଟ ଦେବାକୁ ଅଥବା ଭୋଟ ନ ଦେବାକୁ ବିରତ କରାଇବାକୁ ପାରିତୋଷିକ ଦେଇଥାଏ ।

**ସ୍ପଷ୍ଟୀକରଣ**—ଏହି ପ୍ରକରଣ ଉଦ୍ଦେଶ୍ୟରେ "ଲାଞ୍ଚ" କହିଲେ ସମସ୍ତ ପ୍ରକାର ଆମୋଦପ୍ରମୋଦ ଏବଂ ପାରିତୋଷିକ ପାଇଁ ସମସ୍ତ ପ୍ରକାର ଚାକିରି ଏଥିରେ ଅନ୍ତର୍ଭୁକ୍ତ ଅଟେ । କିନ୍ତୁ ସେପରି ନିର୍ବାଚନ ଉଦ୍ଦେଶ୍ୟରେ ଯଥାର୍ଥ ଉପାୟରେ ଖର୍ଚ୍ଚ ପାଇଁ ଦିଆଯାଇଥିବା ଅର୍ଥ ଏଥିରେ ଅନ୍ତର୍ଭୁକ୍ତ ନୁହେଁ ।

୨ । ଅବୈଧ ପ୍ରଭାବ ଅର୍ଥାତ୍ କହିବାକୁ ଗଲେ ଯେକୌଣସି ବ୍ୟକ୍ତିଙ୍କର ଭୋଟ ଦେବାର ଅଧିକାର ପ୍ରତି ଯେକୌଣସି ପ୍ରାର୍ଥୀ ଅଥବା ତାଙ୍କ ତରଫରୁ ଅନ୍ୟ କୌଣସି ବ୍ୟକ୍ତିଙ୍କର ପ୍ରତ୍ୟକ୍ଷ ଅଥବା ପରୋକ୍ଷ ହସ୍ତକ୍ଷେପ କରିବାକୁ ଚେଷ୍ଟାକରିବ ।

**ଉଲ୍ଲେଖ ଥାଉକି—**

(କ) ଏହି ପ୍ରକରଣର ବ୍ୟବସ୍ଥା ପ୍ରତି ପ୍ରତିକୂଳ ପ୍ରଭାବ ନ ପକାଇ ସେଥିରେ ବର୍ଣ୍ଣିତ ସେପରି କୌଣସି ବ୍ୟକ୍ତି :—

(i) ଯଦି ଜଣେ ପ୍ରାର୍ଥୀ ଅଥବା ଭୋଟରଙ୍କ ପକ୍ଷ ସମର୍ଥନ କରୁଥିବା ଯେକୌଣସି ପ୍ରାର୍ଥୀ ଅଥବା ଭୋଟର ଅଥବା ଜଣେ ବ୍ୟକ୍ତିଙ୍କୁ କ୍ଷତି ଘଟାଇବା ପାଇଁ ଧମକାଏ ଅଥବା ସାମାଜିକ ବାଛନ୍ଦ ଏବଂ ସମାଜଚ୍ୟୁତ କରିବା ବା ଏକଘରିକିଆ କରିବା ଅଥବା କୌଣସି ଜାତି ଅଥବା ଗୋଷ୍ଠୀରୁ ବିତାଡିତ କରିବାକୁ ଧମକାଏ, ଅଥବା

(ii) ଜଣେ ପ୍ରାର୍ଥୀ ଅଥବା ଜଣେ ଭୋଟରଙ୍କୁ, ସେ ଅଥବା ଯେକୌଣସି ବ୍ୟକ୍ତି ଯାହାଙ୍କ ପକ୍ଷ ସେ ସମର୍ଥନ କରୁଛନ୍ତି ।

(ଖ) ଭୋଟରଙ୍କ ଅଧିକାର ଉପରେ ହସ୍ତକ୍ଷେପ ବ୍ୟତୀତ ସର୍ବସାଧାରଣ ନୀତି ଅଥବା ସର୍ବସାଧାରଣ କାର୍ଯ୍ୟର ଅଙ୍ଗୀକାର ଅଥବା ଆଇନତଃ ଅଧିକାରର ପ୍ରୟୋଗ ଏହି ପ୍ରକରଣ ଅର୍ଥାନୁଯାୟୀ ହସ୍ତକ୍ଷେପ ବୋଲି ବିବେଚିତ ହେବନାହିଁ ।

୩ । ପ୍ରାର୍ଥୀଙ୍କ ନିର୍ବାଚନର ଭବିଷ୍ୟତ ଉନ୍ନତି ସାଧନ ନିମନ୍ତେ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ ଅଥବା ଜାତୀୟ ଚିହ୍ନ ଯଥା ଜାତୀୟ ପତାକା ଅଥବା ଜାତୀୟ ନିଦର୍ଶନ କାରଣରୁ ଭିତ୍ତିକରି ପ୍ରାର୍ଥୀ ଅଥବା ତାଙ୍କ ତରଫରୁ କୌଣସି ବ୍ୟକ୍ତିଙ୍କଦ୍ୱାରା ଭୋଟ ଦେବାକୁ ଅଥବା ଭୋଟ ନ ଦେବାକୁ କ୍ରମବଦ୍ଧ ବା ସୁବ୍ୟବସ୍ଥିତ ଅପିଲ କରାଯିବ ।

୪ । କୌଣସି ପ୍ରାର୍ଥୀଙ୍କ ବ୍ୟକ୍ତିଗତ ଚରିତ୍ର ଅଥବା ଆଚରଣ ସମ୍ପର୍କରେ ପ୍ରାର୍ଥୀଙ୍କ ଦ୍ୱାରା ଅଥବା ତାଙ୍କ ତରଫରୁ ଯେକୌଣସି ବ୍ୟକ୍ତିଙ୍କ ଦ୍ୱାରା ତଥ୍ୟଗତ ବିବୃତି ପ୍ରକାଶନ କରିବା ଯାହାକି ମିଥ୍ୟା ଅଟେ ଅଥବା ଯାହାକୁ ସେ ମିଥ୍ୟା ବୋଲି ବିଶ୍ୱାସ କରିଥାନ୍ତି ଅଥବା ସତ୍ୟ ବୋଲି ବିଶ୍ୱାସ କରି ନ ଥାନ୍ତି ଅଥବା ଯେକୌଣସି ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାରକରଣ ଅଥବା ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯିବା ସମ୍ପର୍କୀୟ ବିବୃତି ଯଦି ସେହି ପ୍ରାର୍ଥୀଙ୍କ ନିର୍ବାଚନ ଉପରେ ପ୍ରତିକୂଳ ପ୍ରଭାବ ପକାଉଥାଏ ।

୫ । ପ୍ରାର୍ଥୀଙ୍କ ଅଥବା ତାଙ୍କର ପରିବାରବର୍ଗଙ୍କ ଭିନ୍ନ ଯେକୌଣସି ଭୋଟରଙ୍କୁ ଭୋଟ ଗ୍ରହଣ କେନ୍ଦ୍ର ଅଥବା ଭୋଟ ପାଇଁ ଧାର୍ଯ୍ୟ କରାଯାଇଥିବା ସ୍ଥାନରୁ ନେବାଆଣିବା କରିବା ଉଦ୍ଦେଶ୍ୟରେ କୌଣସି ପ୍ରାର୍ଥୀଙ୍କ ଦ୍ୱାରା ଅଥବା ତାଙ୍କ ତରଫରୁ ଯେକୌଣସି ବ୍ୟକ୍ତିଙ୍କ ଦ୍ୱାରା ଯଦି ପେମେଣ୍ଟ କରିହେଉ ଅଥବା ଅନ୍ୟଥା ହେଉ କୌଣସି ଯାନବାହନ ଇତ୍ୟାଦି ଉପରେ ନିଆଯାଏ ଅଥବା ସଂଗ୍ରହ କରାଯାଏ ।

**ସ୍ପଷ୍ଟୀକରଣ**—ଏହି ପ୍ରକରଣର ଉଲ୍ଲିଖିତ "ଯାନବାହନ" ପଦସଂହତି କହିଲେ ମେକାନିକାଲ ପାୱାର ଦ୍ୱାରା ପ୍ରପେଲଡ ହୋଇଥାଉ ଅଥବା ଅନ୍ୟଥା ହୋଇଥାଉ ଅଥବା ଅନ୍ୟାନ୍ୟ ଯାନବାହନ ବୋହି ନେବାକୁ ହେଉ ଅଥବା ଅନ୍ୟଥା ହେଉ ରାସ୍ତାରେ ପରିବହନ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବା ଯାନବାହନକୁ ବୁଝାଇବ ।

୬ । ରାଜ୍ୟ ସରକାରଙ୍କ ସେବା ଅଥବା ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅଧୀନରେ ନିଯୁକ୍ତି ଯେକୌଣସି କର୍ମଚାରୀଙ୍କଠାରୁ ପ୍ରାର୍ଥୀଙ୍କ ନିର୍ବାଚନର ଉନ୍ନତିକଳ୍ପେ ଭୋଟ ଦେବା ବ୍ୟତୀତ ପ୍ରାର୍ଥୀଙ୍କ ଦ୍ୱାରା ଅଥବା ତାଙ୍କ ତରଫରୁ ଯେକୌଣସି ବ୍ୟକ୍ତିଙ୍କ ଦ୍ୱାରା ସହାୟତା ଗ୍ରହଣ, ପ୍ରାପ୍ତ କରିବା ଅଥବା ପ୍ରବର୍ତ୍ତାଇବା ।

**ଦଫା ୩୯–ନିର୍ବାଚନ ଅସିଦ୍ଧ ଘୋଷଣା ପାଇଁ କାରଣମାନ (i) ସିଭିଲ୍ ଜଜ୍ (ଜୁନିଅର ଡିଭିଜନ) ଜଣେ ନିର୍ବାଚିତ ପ୍ରାର୍ଥୀଙ୍କର ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବେ, ଯଦି ସେ ମତବ୍ୟକ୍ତ କରନ୍ତି ଯେ :**

**XXXX XXXX XXXX XXXX**

(ଖ) ପ୍ରାର୍ଥୀଙ୍କ ଦ୍ୱାରା କୌଣସି ଦୁର୍ନୀତି ସଂଘଟିତ ହୋଇଥିଲା :

**୨ । ଓଡ଼ିଶା ପଞ୍ଚାୟତ ସମିତି ଆଇନ୍, ୧୯୫୯**

## ଷଷ୍ଠ (କ) ଅଧ୍ୟାୟ

**ଧାରା ୪୪–ଢ଼–ନିର୍ବାଚନରେ ଅସାଧୁ ପନ୍ଥା ବା ଦୁର୍ନୀତିମୂଳକ କାର୍ଯ୍ୟ :**

ଏହି ପରିଚ୍ଛେଦର ଉଦ୍ଦେଶ୍ୟାର୍ଥେ ନିମ୍ନବର୍ଣ୍ଣିତ ବିଷୟମାନ ନିର୍ବାଚନରେ ଅସାଧୁ ବା ଦୁର୍ନୀତିମୂଳକ କାର୍ଯ୍ୟ ରୂପେ ବିବେଚିତ ହେବ, ଯଥା କୌଣସି ବ୍ୟକ୍ତିଙ୍କୁ ଦିଆଯାଇଥିବା ବା ଦିଆଯିବାକୁ ସମ୍ମତି ଦିଆଯାଇଥିବା ବା ଦିଆଯିବାକୁ ପ୍ରତିଶ୍ରୁତି ଦିଆଯାଇଥିବା ଉପହାର ବା ଉପଢ଼ୌକନ, ଲାଞ୍ଚ ବା ଉତ୍କୋଚ ; ଯାହାକି :—

୧ । ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଦ୍ୱାରା କିମ୍ବା ତାଙ୍କ ତରଫରୁ ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା କୌଣସି ବ୍ୟକ୍ତିଙ୍କୁ ଦିଆଯାଇଥିବା ବା ଦିଆଯିବାକୁ ସମ୍ମତି ଦିଆଯାଇଥିବା ବା ଦିଆଯିବାକୁ ପ୍ରତିଶ୍ରୁତି ଦିଆଯାଇଥିବା ଉପହାର ବା ଉପଢ଼ୌକନ, ଇତ୍ୟାଦି ଲାଞ୍ଚ ବା ଉତ୍କୋଚ ; ଯାହାକି—

(i) ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ନିମ୍ନବର୍ଣ୍ଣିତ ଉଦ୍ଦେଶ୍ୟମାନ ସାଧନ ପାଇଁ ଅଥବା ନିମ୍ନବର୍ଣ୍ଣିତ ଉଦ୍ଦେଶ୍ୟରେ ପ୍ରଭାବିତ କରିବା ପାଇଁ ଦିଆଯାଇଥିବ :—

(କ) କୌଣସି ବ୍ୟକ୍ତି ସେପରି ନିର୍ବାଚନରେ ଠିଆ ହେବା ପାଇଁ କିମ୍ବା ନ ଠିଆ ହେବା ପାଇଁ କିମ୍ବା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାପାଇଁ କିମ୍ବା ନିର୍ବାଚନରୁ ଓହରିଯିବା ପାଇଁ, କିମ୍ବା

(ଖ) କୌଣସି ଭୋଟଦାତା ସେପରି ନିର୍ବାଚନରେ ଭୋଟ ଦେବା ପାଇଁ, କିମ୍ବା

(ii) ପୁରସ୍କାର ସ୍ୱରୂପ—

(କ) କୌଣସି ବ୍ୟକ୍ତି ସେପରି ନିର୍ବାଚନରେ ଠିଆ ହୋଇଥିବାରୁ କିମ୍ବା ନ ଠିଆ ହୋଇଥିବାରୁ କିମ୍ବା ତାଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବାରୁ କିମ୍ବା ପ୍ରତିଦ୍ୱନ୍ଦ୍ୱିତାରୁ ଓହରି ଯାଇଥିବାରୁ, କିମ୍ବା

(ଖ) ଜଣେ ଭୋଟଦାତା ସେପରି ନିର୍ବାଚନରେ ଭୋଟ ଦେଇଥିବାରୁ ଅଥବା ଭୋଟ ନ ଦେଇଥିବାରୁ, କିମ୍ବା

**ବିଶ୍ଳେଷଣ**—ଏହି ପ୍ରକରଣ ଉଦ୍ଦେଶ୍ୟରେ, ଲାଞ୍ଚ ବା ଉତ୍କୋଚ କହିଲେ, ପୁରସ୍କାର ସ୍ୱରୂପ ବ୍ୟବସ୍ଥା କରାଯାଇଥିବା ସମସ୍ତ ଆମୋଦପ୍ରମୋଦ ଏବଂ ପ୍ରଦାନ କରାଯାଇଥିବା ସମସ୍ତ ପ୍ରକାର ନିଯୁକ୍ତି ଏଥିମଧ୍ୟରେ ଅନ୍ତର୍ଭୁକ୍ତ ହେବ କିନ୍ତୁ ସେପରି ନିର୍ବାଚନରେ ଯୁକ୍ତିଯୁକ୍ତ ଭାବେ କରାଯାଇଥିବା ସମସ୍ତ ଖର୍ଚ୍ଚ ପାଇଁ ପ୍ରାପ୍ୟ ଏଥିମଧ୍ୟରେ ଅନ୍ତର୍ଭୁକ୍ତ ହେବ ନାହିଁ ।

୨ । ନିର୍ବାଚନରେ ଅବୈଧ ପ୍ରଭାବ ପକାଇବା ଅର୍ଥାତ୍ କୌଣସି ପ୍ରାର୍ଥୀ କିମ୍ବା ତାଙ୍କ ତରଫରୁ ଅନ୍ୟ କୌଣସି ବ୍ୟକ୍ତି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ କୌଣସି ବ୍ୟକ୍ତିଙ୍କର ନିର୍ବିଘ୍ନ ବା ମୁକ୍ତ ଭାବରେ ଭୋଟ ଦାନ ଅଧିକାରରେ ହସ୍ତକ୍ଷେପ କରିବା କିମ୍ବା ହସ୍ତକ୍ଷେପ କରିବା ପାଇଁ ଉଦ୍ୟମ କରିବାକୁ ବୁଝାଇବ :

**ଉଲ୍ଲେଖ ଥାଉକି —**

(କ) ଏହି ପ୍ରକରଣର ବ୍ୟବସ୍ଥାମାନଙ୍କ ପ୍ରତି ସାଧାରଣ ଭାବେ କୌଣସି ପ୍ରତିକୂଳ ପ୍ରଭାବ ନ ପକାଇ, କୌଣସି ବ୍ୟକ୍ତି ଯେ ନିମ୍ନଲିଖିତ କାର୍ଯ୍ୟମାନ କରିବେ, ତାହା ସେ କୌଣସି ପ୍ରାର୍ଥୀ ବା ଭୋଟଦାତାଙ୍କର ନିର୍ବିଘ୍ନରେ ଭୋଟ ଦାନ ଅଧିକାରରେ ହସ୍ତକ୍ଷେପ କରିବା ଉଦ୍ଦେଶ୍ୟରେ କରିଛନ୍ତି ବୋଲି ବିବେଚିତ ହେବ—

(i) କୌଣସି ପ୍ରାର୍ଥୀ କିମ୍ବା ଭୋଟଦାତା ଯାହାଙ୍କ ପ୍ରତି ଅନ୍ୟ ଜଣେ ପ୍ରାର୍ଥୀ କିମ୍ବା ଭୋଟଦାତା ଅନୁରକ୍ତ, ତାଙ୍କୁ କୌଣସି ପ୍ରକାର ଆଘାତ ଦେବା ଅଥବା ସାମାଜିକ ବାସନ୍ଦ ଓ ସମାଜଚ୍ୟୁତ କରିବା ଅଥବା ଜାତି ବା ଗୋଷ୍ଠୀରୁ ବିତାଡିତ କରିବା ଆଦି ଭୟ ପ୍ରଦର୍ଶନ କରନ୍ତି, କିମ୍ବା

(ii) କୌଣସି ପ୍ରାର୍ଥୀ କିମ୍ବା ଭୋଟଦାତା ଯାହାଙ୍କ ପ୍ରତି ସେ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ଅନୁରକ୍ତ ସେ ଦୈବୀ ଅସନ୍ତୋଷ ବା କ୍ରୋଧର ଶିକାର ହେବେ ବୋଲି ଧାରଣା ସୃଷ୍ଟି କରନ୍ତି ।

(ଖ) କିନ୍ତୁ ସରକାରୀ ନୀତି, ନିୟମ ଘୋଷଣା କରିବା କିମ୍ବା ସରକାରଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ପ୍ରତିଶ୍ରୁତି ଦେବା କିମ୍ବା ଆଇନଗତ ଅଧିକାରର ପ୍ରୟୋଗ ଯାହାକି ଭୋଟ ଅଧିକାର ପ୍ରତି କୌଣସି ହସ୍ତକ୍ଷେପ ସୃଷ୍ଟି କରେନାହିଁ, ତାହା ଏହି ପ୍ରକରଣର ଅର୍ଥାନୁଯାୟୀ ନିର୍ବାଚନରେ ହସ୍ତକ୍ଷେପ ରୂପେ ବିବେଚିତ ହେବ ନାହିଁ ।

୩ । ପ୍ରାର୍ଥୀ କିମ୍ବା ତାଙ୍କ ତରଫରୁ କୌଣସି ବ୍ୟକ୍ତି, ଜାତି, ଗୋଷ୍ଠୀ, ସମ୍ପ୍ରଦାୟ ଅଥବା ଧର୍ମଗତ କାରଣରୁ ଭୋଟଦେବା କିମ୍ବା ଭୋଟ ନ ଦେବା ପାଇଁ ଯଦି କାହାକୁ ପ୍ରବର୍ତ୍ତାନ୍ତି କିମ୍ବା ପ୍ରାର୍ଥୀ ନିର୍ବାଚନରେ ଜିତିବା ଉଦ୍ଦେଶ୍ୟରେ ଜାତୀୟ ପତାକା କିମ୍ବା ଅନ୍ୟାନ୍ୟ ଜାତୀୟ ସଙ୍କେତମାନ ବ୍ୟବହାର କରନ୍ତି ; ତେବେ ଏପରି କାର୍ଯ୍ୟମାନ ନିର୍ବାଚନରେ ଅବୈଧ ପ୍ରଭାବ ବା ହସ୍ତକ୍ଷେପ ରୂପେ ବିବେଚିତ କରାଯିବ ।

୪ । ଯଦି କୌଣସି ପ୍ରାର୍ଥୀ କିମ୍ବା ତାଙ୍କ ତରଫରୁ କୌଣସି ବ୍ୟକ୍ତି ଅନ୍ୟ ଜଣେ ପ୍ରାର୍ଥୀଙ୍କର ବ୍ୟକ୍ତିତ୍ୱ, ଚରିତ୍ର ବା ଆଚରଣ ସମ୍ବନ୍ଧରେ ମିଥ୍ୟା ବା କୁତ୍ସାରଟନମୂଳକ ଉକ୍ତି ପ୍ରକାଶ କରନ୍ତି ବା ପ୍ରକାଶିତ କରାନ୍ତି କିମ୍ବା ସେପରି ପ୍ରାର୍ଥୀଙ୍କୁ ନିର୍ବାଚନରେ ହରାଇବା ଉଦ୍ଦେଶ୍ୟରେ, ସେପରି ପ୍ରାର୍ଥୀ ପ୍ରାର୍ଥୀପତ୍ର ପ୍ରତ୍ୟାହାର କଲେଣି ଅଥବା ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରୁ ଓହରି ଗଲେଣି ବୋଲି ମିଥ୍ୟା ସମ୍ବାଦ ପରିବେଷଣ କରନ୍ତି ବା କରାନ୍ତି, ତେବେ ତାହା ନିର୍ବାଚନରେ ଅବୈଧ ପ୍ରଭାବ ବା ହସ୍ତକ୍ଷେପ ରୂପେ ବିବେଚିତ ହେବ ।

୫ । ଯଦି ପ୍ରାର୍ଥୀ କିମ୍ବା ତାଙ୍କ ତରଫରୁ ଅନ୍ୟ କୌଣସି ବ୍ୟକ୍ତି ଭୋଟରଙ୍କୁ ସେ ନିଜେ କିମ୍ବା ତାଙ୍କର ପରିବାରର ସଭ୍ୟଙ୍କ ବ୍ୟତୀତ ତାଙ୍କ ସପକ୍ଷରେ ଭୋଟ ଦେବା ଉଦ୍ଦେଶ୍ୟରେ ଭୋଟ କେନ୍ଦ୍ରକୁ ନେବା ଓ ଭୋଟ କେନ୍ଦ୍ରରୁ ଆଣିବା ଉଦ୍ଦେଶ୍ୟରେ ଯାନବାହନ ବା ନୌକା ଇତ୍ୟାଦି ଭଡାରେ ଆଣି ସେ ଉଦ୍ଦେଶ୍ୟରେ ବ୍ୟବହାର କରନ୍ତି, ତେବେ ଏହି ନିର୍ବାଚନରେ ଅବୈଧ ପ୍ରଭାବ ବା ହସ୍ତକ୍ଷେପ ସୃଷ୍ଟି ରୂପେ ବିବେଚିତ ହେବ ।

ଉଲ୍ଲେଖ ଥାଉକି, ଜଣେ ଭୋଟଦାତା ବା କେତେକ ଭୋଟଦାତା ଭୋଟ କେନ୍ଦ୍ରକୁ ଯିବା ଓ ଭୋଟ କେନ୍ଦ୍ରରୁ ଆସିବା ଉଦ୍ଦେଶ୍ୟରେ ଯାନବାହନ ଭଡାରେ ଆଣି ବ୍ୟବହାର କଲେ, ଯଦି ଏହା ଯନ୍ତ୍ରଚାଳିତ ଯାନବାହନ ହୋଇ ନ ଥାଏ, ତେବେ ଏହାକୁ ନିର୍ବାଚନରେ ଦୁର୍ନୀତିମୂଳକ ପନ୍ଥାରୂପେ ବିବେଚନା କରାଯିବ ନାହିଁ :

ପୁନଶ୍ଚ ଉଲ୍ଲେଖ ଥାଉକି, କୌଣସି ଭୋଟଦାତା ଭୋଟ କେନ୍ଦ୍ରକୁ ଯିବା ଓ ଭୋଟ କେନ୍ଦ୍ରରୁ ଆସିବା ନିମିତ୍ତ ନିଜ ଖର୍ଚ୍ଚରେ ସର୍ବସାଧାରଣ ଯାନବାହନ ବା ରେଳଗାଡିରେ ଯାତାୟାତ କରିବାକୁ ନିର୍ବାଚନରେ ଦୁର୍ନୀତିମୂଳକ ପନ୍ଥାରୂପେ ବିବେଚିତ କରାଯିବ ନାହିଁ ।

**ବିଶ୍ଳେଷଣ**—ଏହି ପ୍ରକରଣରେ 'ଯାନବାହନ' କହିଲେ ରାସ୍ତାରେ ପରିବହନ ଉଦ୍ଦେଶ୍ୟରେ ବ୍ୟବହୃତ ଯାନବାହନ କିମ୍ବା ପରିବହନଯୋଗ୍ୟ ଯାନବାହନକୁ ବୁଝାଇବ । ତାହା ଯନ୍ତ୍ରଶକ୍ତି ଦ୍ୱାରା ଚାଳିତ ହୋଇଥାଉ ବା ଅନ୍ୟ କୌଣସି ପ୍ରକାରେ ଚାଳିତ ହୋଇଥାଉ ଏବଂ ଅନ୍ୟ କୌଣସି ଯାନବାହନ ଟାଣିବା କାର୍ଯ୍ୟରେ ବ୍ୟବହୃତ ହୋଇଥାଉ କିମ୍ବା ଅନ୍ୟ ପ୍ରକାରେ ବ୍ୟବହୃତ ହୋଇଥାଉ ।

୬ । କୌଣସି ସରକାରୀ କର୍ମଚାରୀ ଅଥବା ତାଙ୍କ ତରଫରୁ ଅନ୍ୟ କୌଣସି ବ୍ୟକ୍ତି କୌଣସି ସରକାରୀ କର୍ମଚାରୀ ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅଧୀନସ୍ଥ କର୍ମଚାରୀଙ୍କୁ କେବଳ ଭୋଟ ଦେବାକୁ ଅନୁରୋଧ କରିବା ବ୍ୟତୀତ, ଯଦି ନିର୍ବାଚନରେ ଅନ୍ୟ କୌଣସି ପ୍ରକାରେ ସାହାଯ୍ୟ ନେଇଥାନ୍ତି, ତାହା ନିର୍ବାଚନରେ ଦୁର୍ନୀତିମୂଳକ ପନ୍ଥାରୂପେ ବିବେଚିତ ହେବ ।

**ଧାରା ୪୪–ଠ–କେଉଁସବୁ କାରଣମାନଙ୍କୁ ଭିତ୍ତିକରି ନିର୍ବାଚନ ରଦ୍ଦ କରାଯାଇପାରିବ :**

(୧) ସିଭିଲ୍ ଜଜ୍ (ସିନିଅର ଡିଭିଜନ) ନିର୍ବାଚନରେ ଜିଣିଥିବା ପ୍ରାର୍ଥୀଙ୍କର ନିର୍ବାଚନକୁ ରଦ୍ଦ କରିପାରିବେ, ଯଦି ସେ ନିମ୍ନବର୍ଣ୍ଣିତ ପ୍ରକାରେ ସିଦ୍ଧାନ୍ତରେ ପହଞ୍ଚନ୍ତି ଯେ—

(କ) ସେପରି ପ୍ରାର୍ଥୀ ନିର୍ବାଚନ ଅନୁଷ୍ଠିତ ହେଉଥିବା ସମୟ ମଧ୍ୟରେ ନିର୍ବାଚନ ସଂକ୍ରାନ୍ତୀୟ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନମାନଙ୍କ କ୍ଷେତ୍ରରେ ଧାରା ୪୪–ଢ଼'ର ବ୍ୟବସ୍ଥାମତେ କୌଣସି ପ୍ରକାର ଦୁର୍ନୀତି ବା ଅସାଧୁ ପନ୍ଥା ଅବଲମ୍ବନ କରିଛନ୍ତି :

**୩ । ଓଡ଼ିଶା ଜିଲ୍ଲା ପରିଷଦ ଆଇନ୍, ୧୯୯୧**

## ପଞ୍ଚମ ପରିଚ୍ଛେଦ

**ଧାରା ୩୨—ନିର୍ବାଚନ ବିବାଦ :**

୧ । ପରିଷଦର କାର୍ଯ୍ୟାଳୟ ଅବସ୍ଥିତ ଥିବା ସ୍ଥାନ ଉପରେ କ୍ଷେତ୍ରାଧିକାରୀ ଥିବା ଜିଲ୍ଲା ନ୍ୟାୟାଧୀଶଙ୍କ ସମକ୍ଷରେ ନିର୍ବାଚନ-ବରଖାସ୍ତ ଉପସ୍ଥାପନ କରା ନ ଯାଇ ଏହି ଆଇନ ଅନୁଯାୟୀ କୌଣସି ବ୍ୟକ୍ତିଙ୍କର ପରିଷଦର ସଦସ୍ୟରୂପେ ବା ଅଧ୍ୟକ୍ଷ ବା ଉପାଧ୍ୟକ୍ଷରୂପେ ଅନୁଷ୍ଠିତ ନିର୍ବାଚନ ଉପରେ ପ୍ରଶ୍ନ ଉଠାଯାଇପାରିବନାହିଁ ।

୨ । ଉପଧାରା (୧) ଉଦ୍ଦେଶ୍ୟରେ ୧୯୫୯ ମସିହା ଓଡ଼ିଶା ପଞ୍ଚାୟତ ସମିତି ଆଇନର ଷଷ୍ଠ-'କ' ଅଧ୍ୟାୟରେ ସନ୍ନିବେଶିତ (ଏହାପରେ ଉପରୋକ୍ତ ଅଧ୍ୟାୟ ଭାବେ ସୂଚିତ) ବ୍ୟବସ୍ଥାବଳୀ ନିମ୍ନରେ ସୂଚିତ ବ୍ୟତିକ୍ରମ ସହିତ ଯଥା ଆବଶ୍ୟକ ପ୍ରଯୁଜ୍ୟ ହେବ ।

**XXXX XXXX XXXX XXXX**

(ଉତ୍ସ—ଲିଗାଲ ମିସିଲେନିକ୍ ଦ୍ୱାରା ପ୍ରକାଶିତ ଓଡ଼ିଶା ଗ୍ରାମପଞ୍ଚାୟତ ମାନୁଏଲ୍ ଓ ପଞ୍ଚାୟତ ସମିତି ମାନୁଏଲ୍ ଓ ଓଡ଼ିଶା 'ଲ' ରିଭ୍ୟୁଜ୍‌ଙ୍କ ଦ୍ୱାରା ମୁଦ୍ରିତ ଓଡ଼ିଶା ଜିଲ୍ଲା ପରିଷଦ ମାନୁଏଲ)

## ନିର୍ବାଚନ ଅପରାଧ

ପଞ୍ଚାୟତ ଆଇନ୍ ଓ ଭାରତୀୟ ଦଣ୍ଡବିଧି ଆଇନ୍‌ରେ ନିର୍ବାଚନ ଅପରାଧ ଓ ତତ୍‌ସମ୍ବନ୍ଧୀୟ ଦଣ୍ଡବିଧିର ଉଦ୍ଧୃତାଂଶ ।

**୧ । ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍, ୧୯୬୪**

### ପଞ୍ଚମ ଅଧ୍ୟାୟ

ଦଫା ୨୮–ରାଜ୍ୟ ସରକାର ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ କର୍ମଚାରୀମାନେ ନିର୍ବାଚନରେ ପ୍ରଚାର କରିବାରେ ବାଧା–ରାଜ୍ୟ ସରକାର କିମ୍ବା ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷଙ୍କ କୌଣସି କର୍ମଚାରୀ ଯେକୌଣସି ପ୍ରାର୍ଥୀଙ୍କ ତରଫରୁ ନିର୍ବାଚନରେ ପ୍ରଚାର କରିପାରିବେ ନାହିଁ କିମ୍ବା ଅନ୍ୟଥା ହସ୍ତକ୍ଷେପ କରିବେ ନାହିଁ କିମ୍ବା କୌଣସି ଉପାୟରେ ତାଙ୍କର ପ୍ରଭାବ ବ୍ୟବହାର କରିବେ ନାହିଁ ଏବଂ ଏହି ଦଫାର ବ୍ୟବସ୍ଥାସମୂହର ଲଂଘନ କଲେ ସେପରି ବ୍ୟକ୍ତି ଚାକିରିରୁ ବହିଷ୍କୃତ ହେବେ ।

ଦଫା ୨୯–ନିର୍ବାଚନରେ ଅସଦାଚରଣ ନିମନ୍ତେ ଦଣ୍ଡ–(୧) ଏକ ବ୍ୟକ୍ତି ନିର୍ବାଚନ ଅପରାଧରେ ଦୋଷୀ ସାବ୍ୟସ୍ତ ହେବେ, ଯଦି ସେ—

(କ) କୌଣସି ପ୍ରାର୍ଥୀପତ୍ର କିମ୍ବା ଭୋଟ କାଗଜ ପ୍ରତାରଣାପୂର୍ବକ ବିକୃତି କରେ କିମ୍ବା ଅନ୍ୟ ଉପାୟରେ ବଦଳ କିମ୍ବା ଜାଲ କିମ୍ବା ନଷ୍ଟ କରେ, କିମ୍ବା

(ଖ) ଏହି ଆଇନ୍ ଏବଂ ତଦନୁଯାୟୀ ପ୍ରଣୀତ ନିୟମାବଳୀ ଅନୁଯାୟୀ ନଥିଭୁକ୍ତ କିମ୍ବା ଅନ୍ୟ ପ୍ରକାରେ ପ୍ରକାଶିତ କୌଣସି ତାଲିକା, ନୋଟିସ୍, ଅନ୍ୟାନ୍ୟ ଦଲିଲ ଦସ୍ତାବିଜକୁ ଚଞ୍ଚକତାକ୍ରମେ ବା ପ୍ରତାରଣା ପୂର୍ବକ ବିକୃତ, କ୍ଷତି, ନଷ୍ଟ କିମ୍ବା ଅପସାରଣ କରେ, କିମ୍ବା

(ଗ) ପ୍ରାଧିକାର ନ ଥାଇ ବା କ୍ଷମତାପ୍ରାପ୍ତ ନ ଥାଇ କୌଣସି ଭୋଟ କାଗଜକୁ ସେ କୌଣସି ବ୍ୟକ୍ତିଙ୍କୁ ଯୋଗାଏ ଅଥବା ଭୋଟ କାଗଜ କୌଣସି ବ୍ୟକ୍ତିଙ୍କଠାରୁ ଗ୍ରହଣ କରେ କିମ୍ବା ଯେକୌଣସି ଭୋଟ କାଗଜ ନିଜ ପାଖରେ ରଖେ, କିମ୍ବା

(ଘ) ଭୋଟ କାଗଜ ଭିନ୍ନ ଅନ୍ୟ କିଛି ଚଞ୍ଚକତାକ୍ରମେ ଭୋଟ ବାକ୍ସରେ ପକାଏ, କିମ୍ବା

(ଙ) ପ୍ରାଧିକାର ବା କ୍ଷମତାପ୍ରାପ୍ତ ନ ଥାଇ ନିର୍ବାଚନ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିବା ଭୋଟବାକ୍ସ କିମ୍ବା ଭୋଟ କାଗଜ ନଷ୍ଟ କରେ, ନେଇଯାଏ, ଖୋଲେ କିମ୍ବା ଅନ୍ୟ ପ୍ରକାରେ ହସ୍ତକ୍ଷେପ ପକାଏ, କିମ୍ବା

(ଚ) ନିର୍ବାଚନ ପରିଚାଳନା କରିବା ଉଦ୍ଦେଶ୍ୟରେ ସ୍ଥିରୀକୃତ କିମ୍ବା ନିଯୁକ୍ତ ଯେକୌଣସି ଅଫିସର କିମ୍ବା କର୍ମଚାରୀଙ୍କର କର୍ତ୍ତବ୍ୟ ନିର୍ବାହରେ ବାଧା ସୃଷ୍ଟିକରେ କିମ୍ବା ଅନ୍ୟ କୌଣସି ପ୍ରକାରେ ହସ୍ତକ୍ଷେପ କରେ, କିମ୍ବା

(ଛ) ଏହି ଆଇନ୍ କିମ୍ବା ତଦନୁଯାୟୀ ପ୍ରଣୀତ ନିୟମାବଳୀ ଅନୁଯାୟୀ କୌଣସି କାର୍ଯ୍ୟ କରିବାକୁ ଏବଂ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆବଦ୍ଧ ଥାଇ ସେପରି କାର୍ଯ୍ୟ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅବହେଳା କିମ୍ବା ଅସ୍ୱୀକାର କରେ :

(୨) ଏହି ଦଫାନୁଯାୟୀ ନିର୍ବାଚନ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିବା ଯେକୌଣସି ବ୍ୟକ୍ତି ଏକଶହ ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡରେ ଦଣ୍ଡନୀୟ ହେବେ ଏବଂ ସେପରି ଅପରାଧ ଯଦି କ୍ରମାଗତ ଭାବେ କରାଯାଏ ତେବେ ପ୍ରଥମ ଦଣ୍ଡାଦେଶ ତାରିଖ ପରେ ପ୍ରତ୍ୟେକ ଦିନ ପାଇଁ ପାଞ୍ଚ ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ଦିଆଯିବ । ସେହି ସମୟ ମଧ୍ୟରେ ଅପରାଧୀଙ୍କୁ ଅପରାଧ ଅଭ୍ୟସ୍ତ ସଂଘଠନକାରୀ ରୂପେ ପ୍ରମାଣିତ କରାଯିବ ।

**୨ । ଓଡ଼ିଶା ପଞ୍ଚାୟତ ସମିତି ଆଇନ୍, ୧୯୫୯**

## ତୃତୀୟ ଅଧ୍ୟାୟ

ଧାରା ୧୬-ଖ (୨)—ଏହି ଆଇନ୍‌ରେ କିମ୍ବା ଏହା ଅଧୀନରେ ପ୍ରଣୀତ ନିୟମରେ କୌଣସି ବିଧିବ୍ୟବସ୍ଥା ନ ଥିଲେ, ଲୋକ ପ୍ରତିନିଧିତ୍ୱ ଅଧିନିୟମ, ୧୯୫୦ ଏବଂ ଲୋକ ପ୍ରତିନିଧିତ୍ୱ ଅଧିନିୟମ, ୧୯୫୧ରେ ଅନ୍ତର୍ଗତ ବିଧିବ୍ୟବସ୍ଥା ଆବଶ୍ୟକ ପରିବର୍ତ୍ତନ ସହ ସମିତି ନିର୍ବାଚନ ଉଦ୍ଦେଶ୍ୟରେ ନିମ୍ନଲିଖିତ ବିଷୟରେ ପ୍ରଯୁଜ୍ୟ ହେବ :—

(i) ଭୋଟର ତାଲିକା ପ୍ରସ୍ତୁତି, ସଂଶୋଧନ ଏବଂ ଆଧୁନିକୀକରଣ

(ii) ଇଲେକ୍ଟୋରାଲ୍ ରେଜିଷ୍ଟ୍ରେସନ ଅଫିସର, ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସର ନିଯୁକ୍ତି ।

(iii) ଭୋଟରମାନେ ପଞ୍ଜିକୃତ ହେବା ପାଇଁ ଯୋଗ୍ୟତା ଏବଂ ଅଯୋଗ୍ୟତା

(iv) ମୁକ୍ତ ଏବଂ ଅବାଧ ନିର୍ବାଚନ ପରିଚାଳନା କାର୍ଯ୍ୟ ପାଇଁ ଦରକାରୀ ଏବଂ ଦରକାର ପଡୁଥିବା ଏହିପରି ଅନ୍ୟ ସମସ୍ତ ବିଷୟ ।

**୩ । ଓଡ଼ିଶା ଜିଲ୍ଲା ପରିଷଦ ଆଇନ୍, ୧୯୯୧**

## ଦ୍ୱିତୀୟ ଅଧ୍ୟାୟ

ଧାରା ୬-ଖ (୨)—ଏହି ଆଇନ୍‌ରେ କିମ୍ବା ଏହା ଅଧୀନରେ ପ୍ରଣୀତ ନିୟମରେ କୌଣସି ବିଧିବ୍ୟବସ୍ଥା ନ ଥିଲେ, ଲୋକ ପ୍ରତିନିଧିତ୍ୱ ଅଧିନିୟମ, ୧୯୫୦ ଏବଂ ଲୋକ ପ୍ରତିନିଧିତ୍ୱ ଅଧିନିୟମ, ୧୯୫୧ରେ ଅନ୍ତର୍ଗତ ବିଧିବ୍ୟବସ୍ଥା ଆବଶ୍ୟକ ପରିବର୍ତ୍ତନ ସହ ଜିଲ୍ଲା ପରିଷଦ ନିର୍ବାଚନ ଉଦ୍ଦେଶ୍ୟରେ ନିମ୍ନଲିଖିତ ବିଷୟରେ ପ୍ରଯୁଜ୍ୟ ହେବ :—

(i) ଭୋଟର ତାଲିକା ପ୍ରସ୍ତୁତି, ପୁନଃଭିକ୍ଷଣ ଏବଂ ଆଧୁନିକୀକରଣ

(ii) ଇଲେକ୍ଟୋରାଲ୍ ରେଜିଷ୍ଟ୍ରେସନ ଅଫିସର, ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସର ନିଯୁକ୍ତି ।

(iii) ଭୋଟରମାନେ ପଞ୍ଜିକୃତ ହେବା ପାଇଁ ଯୋଗ୍ୟତା ଏବଂ ଅଯୋଗ୍ୟତା

(iv) ମୁକ୍ତ ଏବଂ ଅବାଧ ନିର୍ବାଚନ ପରିଚାଳନା କାର୍ଯ୍ୟ ପାଇଁ ଦରକାରୀ ଏବଂ ଦରକାର ପଡୁଥିବା ଏହିପରି ଅନ୍ୟ ସମସ୍ତ ବିଷୟ ।

**୪ । ଭାରତୀୟ ଦଣ୍ଡବିଧି ଆଇନ୍, ୧୮୬୦**

## ନବମ-(କ) ଅଧ୍ୟାୟ

## (ନିର୍ବାଚନ ସଂକ୍ରାନ୍ତୀୟ ଅପରାଧ)

**୧୭୧-କ-''ପ୍ରାର୍ଥୀ'', ''ନିର୍ବାଚନ ଅଧିକାର'' ସଂଜ୍ଞାୟୀତ : ଏହି ଅଧ୍ୟାୟ ଉଦ୍ଦେଶ୍ୟରେ :**

(କ) (''ପ୍ରାର୍ଥୀ'' ଅର୍ଥ, କୌଣସି ନିର୍ବାଚନ ନିମନ୍ତେ ପ୍ରାର୍ଥୀଭାବେ ମନୋନୀତ କରାଯାଇଥିବା କୌଣସି ବ୍ୟକ୍ତି) ।

(ଖ) ''ନିର୍ବାଚନ ଅଧିକାର'' ଅର୍ଥ, କୌଣସି ନିର୍ବାଚନରେ କୌଣସି ବ୍ୟକ୍ତିର ଠିଆହେବା କିମ୍ବା ନ ଠିଆହେବା ଅଧିକାର, କିମ୍ବା ପ୍ରାର୍ଥୀତ୍ୱ ପ୍ରତ୍ୟାହାର କରିବା କିମ୍ବା ଭୋଟ୍ ପ୍ରଦାନ କରିବା କିମ୍ବା ଭୋଟ୍ ପ୍ରଦାନରୁ ବିରତି ରହିବା ଅଧିକାର ।

XXXX XXXX XXXX XXXX

**୧୭୧-ଖ-ଲାଞ୍ଚ ପ୍ରଦାନ କରିବା :**

୧ । ଯଦି କୌଣସି ବ୍ୟକ୍ତି—

(i) କୌଣସି ନିର୍ବାଚନ ସଂକ୍ରାନ୍ତୀୟ ଅଧିକାର ପରିଚାଳନା କରିବା ନିମନ୍ତେ କିମ୍ବା ଏପରି ଅଧିକାର ପରିଚାଳନା କରିଥିବା ବ୍ୟକ୍ତିଙ୍କୁ ପୁରସ୍କୃତ କରିବା ଉଦ୍ଦେଶ୍ୟରେ କୌଣସି ବ୍ୟକ୍ତିଙ୍କୁ ଲାଞ୍ଚ ପ୍ରଦାନ କରନ୍ତି, କିମ୍ବା

(ii) ଏପରି ଅଧିକାର ପରିଚାଳନା କରିଥିବାରୁ କିମ୍ବା ଅନ୍ୟ କୌଣସି ବ୍ୟକ୍ତିକୁ ଉକ୍ତ କାର୍ଯ୍ୟ ପରିଚାଳନା କରିବା ନିମନ୍ତେ ପ୍ରଲୁବ୍ଧ କରି କିମ୍ବା ପ୍ରଲୁବ୍ଧ କରିବାକୁ ଚେଷ୍ଟାକରି, ନିଜେ କିମ୍ବା ଅନ୍ୟ ବ୍ୟକ୍ତି ନିମନ୍ତେ କୌଣସି ଲାଞ୍ଚକୁ ପୁରସ୍କାର ରୂପେ ଗ୍ରହଣ କରନ୍ତି ।

ଉଲ୍ଲେଖ ଥାଉ ଯେ କୌଣସି ସର୍ବସାଧାରଣ ନୀତିର ଘୋଷଣା କିମ୍ବା ସର୍ବସାଧାରଣ କାର୍ଯ୍ୟ ନିମନ୍ତେ ପ୍ରତିଜ୍ଞା, ଏହି ଦଫା ଅନୁଯାୟୀ ଅପରାଧ ହେବ ନାହିଁ ।

୨ । କୌଣସି ବ୍ୟକ୍ତି ଯଦି ଅର୍ପଣ କରନ୍ତି କିମ୍ବା ଦେବା ପାଇଁ ସମ୍ମତ ହୁଅନ୍ତି, କିମ୍ବା ଅର୍ପଣ କରନ୍ତି କିମ୍ବା କୌଣସି ଲାଞ୍ଚ ଅର୍ପଣ କରିବାକୁ ଚେଷ୍ଟା କରନ୍ତି, ସେ ଲାଞ୍ଚ ପ୍ରଦାନ କରିଛନ୍ତି ବୋଲି ଧରାଯିବ ।

୩ । କୌଣସି ବ୍ୟକ୍ତି ଯଦି ଲାଞ୍ଚ ଗ୍ରହଣ କରନ୍ତି କିମ୍ବା ଗ୍ରହଣ କରିବା ନିମନ୍ତେ ସମ୍ମତ ହୁଅନ୍ତି, କିମ୍ବା ଗ୍ରହଣ କରିବା ନିମନ୍ତେ ଚେଷ୍ଟା କରନ୍ତି, ସେ ଲାଞ୍ଚ ଗ୍ରହଣ କରିଛନ୍ତି ବୋଲି ଧରାଯିବ ଏବଂ ଯଦି କୌଣସି ବ୍ୟକ୍ତି କୌଣସି କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଲାଞ୍ଚ ଗ୍ରହଣ କରନ୍ତି, ଯାହା କରିବା ଉଦ୍ଦେଶ୍ୟ ତାଙ୍କର ନ ଥାଏ କିମ୍ବା ଯାହା ସେ କରିନାହାନ୍ତି, ତାହା କରିବାପାଇଁ ପୁରସ୍କାର ଭାବେ ତାହା ଗ୍ରହଣ କରନ୍ତି, ସେ ଉକ୍ତ ଲାଞ୍ଚକୁ ପୁରସ୍କାର ଭାବେ ଗ୍ରହଣ କରିଛନ୍ତି ବୋଲି ଧରାଯିବ ।

**୧୭୧–ଗ–ନିର୍ବାଚନ ସମୟରେ ଅଯଥା ପ୍ରଭାବ :**

୧ । ଯେକୌଣସି ବ୍ୟକ୍ତି ଯଦି ସ୍ୱେଚ୍ଛାକୃତ ଭାବେ ଏବଂ ମୁକ୍ତ ଭାବେ କୌଣସି ନିର୍ବାଚନ ଅଧିକାର ପରିଚାଳନାରେ ହସ୍ତକ୍ଷେପ କରନ୍ତି କିମ୍ବା ହସ୍ତକ୍ଷେପ କରିବା ନିମନ୍ତେ ଚେଷ୍ଟା କରନ୍ତି, ସେ ନିର୍ବାଚନରେ ଅଯଥା ପ୍ରଭାବ ପକାଇବା ଅପରାଧ ସଂଘଟନ କରନ୍ତି ।

୨ । ଉପ ଦଫା (୧) ର ସାଧାରଣ ବ୍ୟବସ୍ଥାବଳୀରେ କୌଣସି କ୍ଷତି ନ ପହୁଞ୍ଚାଇ, ଯଦି କୌଣସି ବ୍ୟକ୍ତି —

(କ) କୌଣସି ପ୍ରାର୍ଥୀ କିମ୍ବା ଭୋଟରକୁ କିମ୍ବା କୌଣସି ବ୍ୟକ୍ତି, ଯାହାଙ୍କ ପ୍ରତି କୌଣସି ପ୍ରାର୍ଥୀ କିମ୍ବା ଭୋଟର ଇଚ୍ଛୁକ, ତାଙ୍କୁ ଯେକୌଣସି କ୍ଷତି ପ୍ରଦାନ କରିବାକୁ ଧମକାନ୍ତି, କିମ୍ବା

(ଖ) କୌଣସି ପ୍ରାର୍ଥୀ କିମ୍ବା ଭୋଟରକୁ ପ୍ରଲୁବ୍ଧ କରାନ୍ତି କିମ୍ବା କରିବାକୁ ଚେଷ୍ଟା କରନ୍ତି, ଏହା ବିଶ୍ୱାସ କରିବାକୁ ହେବ ଯେ, ସେ କିମ୍ବା ଯେଉଁ ବ୍ୟକ୍ତିଙ୍କ ପାଇଁ ସେ ଇଚ୍ଛୁକ ସେ, ଐଶ୍ୱରୀକ ଶକ୍ତିର ଅସନ୍ତୋଷ ଲାଭ କରିବେ, ସେ, ଉପ ଦଫା (୧)ର ଅର୍ଥାନୁଯାୟୀ ଏପରି ପ୍ରାର୍ଥୀ କିମ୍ବା ଭୋଟରର ନିର୍ବାଚନ ଅଧିକାରରେ ହସ୍ତକ୍ଷେପ କରୁଅଛନ୍ତି ବୋଲି ଧରାଯିବ ।

(୩) କୌଣସି ନିର୍ବାଚନ ଅଧିକାରରେ ହସ୍ତକ୍ଷେପ ନ କରିବା ଉଦ୍ଦେଶ୍ୟରେ, କୌଣସି ସର୍ବସାଧାରଣ ନୀତିର ଘୋଷଣା କିମ୍ବା ସର୍ବସାଧାରଣଙ୍କ ନିମନ୍ତେ କାର୍ଯ୍ୟ କରିବା ପ୍ରତିଜ୍ଞା, ଏହି ଦଫାର ଅର୍ଥ ଅନୁଯାୟୀ, ହସ୍ତକ୍ଷେପ ବୋଲି ଧରାଯିବନାହିଁ ।

**୧୭୧–ଘ–କୌଣସି ନିର୍ବାଚନରେ ଅନ୍ୟ ନାମ ଧାରଣ କରିବା :**

କୌଣସି ନିର୍ବାଚନରେ ଯଦି କୌଣସି ବ୍ୟକ୍ତି ଭୋଟ୍ କାଗଜ ନିମନ୍ତେ ଆବେଦନ କରନ୍ତି, କିମ୍ବା ଜୀବିତ କିମ୍ବା ମୃତ ଅନ୍ୟ ଯେ କୌଣସି ବ୍ୟକ୍ତି ନାମରେ ଭୋଟ ପ୍ରଦାନ କରନ୍ତି, କିମ୍ବା କୌଣସି କାଳ୍ପନିକ ନାମରେ, କିମ୍ବା ଏପରି ନିର୍ବାଚନରେ ଥରେ ଭୋଟ ପ୍ରଦାନ ପରେ, ଆଉ ଥରେ ନିଜ ନାମରେ ଭୋଟ ପ୍ରଦାନ କାଗଜ ନିମନ୍ତେ ଆବେଦନ କରନ୍ତି ଏବଂ ଚେଷ୍ଟାରେ ପ୍ରୋତ୍ସାହନ ପ୍ରଦାନ କରନ୍ତି, ସେ ଉକ୍ତ ନିର୍ବାଚନରେ, ଅନ୍ୟର ନାମ ଗ୍ରହଣ କରିବା ଅପରାଧ ସଂଘଟନ କରନ୍ତି ।

**୧୭୧–ଙ–ଲାଞ୍ଚ ପ୍ରଦାନ କରିବା ନିମନ୍ତେ ଦଣ୍ଡ :**

ଯଦି କୌଣସି ବ୍ୟକ୍ତି ଲାଞ୍ଚଦେବା ଅପରାଧ ସଂଘଠନ କରନ୍ତି, ତା'ହେଲେ ସେ ଉଭୟ ବର୍ଣ୍ଣନୀୟ କାରାଦଣ୍ଡ ମଧ୍ୟରୁ ଯେ କୌଣସି କାରାଦଣ୍ଡ ଯାହାକି ଏକ ବର୍ଷ ପର୍ଯ୍ୟନ୍ତ ପରିବର୍ଦ୍ଧିତ ହୋଇପାରେ, କିମ୍ବା ଜୋରିମାନା ସହିତ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ।

ଉଲ୍ଲେଖ ଥାଉ ଯେ, ବ୍ୟବହାର ଦ୍ୱାରା ଲାଞ୍ଚ ପ୍ରଦାନ କରିବା, କେବଳ ଜୋରିମାନାରେ ଦଣ୍ଡିତ କରାଯିବ ।

**ସ୍ପଷ୍ଟୀକରଣ**—''ବ୍ୟବହାର ଦ୍ୱାରା'' ଅର୍ଥ, ସେହି ପ୍ରକାର ଲାଞ୍ଚ ପ୍ରଦାନ ଯେଉଁଠାରେ ଲାଞ୍ଚ ପ୍ରଦାନ, ଖାଦ୍ୟ, ପେୟ, ଆମୋଦପ୍ରମୋଦ କିମ୍ୱା ଅନ୍ୟ ପ୍ରକାର ବ୍ୟବହାରକୁ ବୁଝାଏ ।

**୧୭୧-ଚ—କୌଣସି ନିର୍ବାଚନରେ ଅଯଥା ପ୍ରଭାବ କିମ୍ୱା ଅନ୍ୟର ନାମ ଗ୍ରହଣ କରିବା ନିମନ୍ତେ ଦଣ୍ଡ :**

ଯଦି କୌଣସି ବ୍ୟକ୍ତି କୌଣସି ନିର୍ବାଚନରେ, ଅଯଥା ପ୍ରଭାବ କିମ୍ୱା ଅନ୍ୟର ନାମ ଗ୍ରହଣ କରିବା ଅପରାଧ କରନ୍ତି, ତାଙ୍କୁ ଉଭୟ ବର୍ଣ୍ଣନୀୟ କାରାଦଣ୍ଡ ମଧ୍ୟରୁ ଯେକୌଣସି କାରାଦଣ୍ଡ ଯାହାକି ଏକ ବର୍ଷ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରାଯାଇପାରିବ, କିମ୍ୱା ଜୋରିମାନା ସହିତ କିମ୍ୱା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବ ।

**୧୭୧-ଛ—କୌଣସି ନିର୍ବାଚନ ସଂପର୍କରେ ମିଥ୍ୟା ବିବରଣୀ ପ୍ରଦାନ କରିବା :**

ଯଦି କୌଣସି ବ୍ୟକ୍ତି, କୌଣସି ନିର୍ବାଚନର ଫଳାଫଳକୁ ପ୍ରଭାବିତ କରିବାପାଇଁ କୌଣସି ବିବରଣୀ ପ୍ରସ୍ତୁତ କରନ୍ତି କିମ୍ୱା ଏପରି ବିବରଣୀକୁ ପ୍ରକାଶ କରନ୍ତି, ଯାହାକି ମିଥ୍ୟା ହୋଇଥାଏ ଏବଂ ଯାହାକୁ ସେ ମିଥ୍ୟା ବୋଲି ଜାଣନ୍ତି କିମ୍ୱା ବିଶ୍ୱାସ କରନ୍ତି ଏବଂ ତାହା ସତ୍ୟବୋଲି ବିଶ୍ୱାସ କରନ୍ତି ନାହିଁ ଏବଂ ତାହା କୌଣସି ପ୍ରାର୍ଥୀଙ୍କ ବ୍ୟକ୍ତିଗତ ଚରିତ୍ର ଉପରେ ହୋଇଥାଏ, ତା'ହେଲେ ଉକ୍ତ ବ୍ୟକ୍ତିଙ୍କୁ କେବଳ ଜୋରିମାନାରେ ଦଣ୍ଡିତ କରାଯିବ ।

**୧୭୧-ଜ—କୌଣସି ନିର୍ବାଚନ ସଂପର୍କରେ ଅବୈଧ ଅର୍ଥ ପ୍ରଦାନ କରିବା :**

କୌଣସି ପ୍ରାର୍ଥୀଙ୍କର, ସାଧାରଣ କିମ୍ୱା ବିଶେଷ କ୍ଷମତା ଲିଖିତ ଭାବେ ଗ୍ରହଣ ନ କରି, ଯଦି କୌଣସି ବ୍ୟକ୍ତି କୌଣସି ସର୍ବସାଧାରଣ ସଭା କିମ୍ୱା କୌଣସି ବିଜ୍ଞାପନ, ସର୍କୁଲାର କିମ୍ୱା ପ୍ରକାଶନ କିମ୍ୱା ଅନ୍ୟ କୌଣସି ପ୍ରକାର କାର୍ଯ୍ୟରେ ଅର୍ଥ ବିନିଯୋଗ କରନ୍ତି କିମ୍ୱା ଅର୍ଥ ବିନିଯୋଗ କରିବା ନିମନ୍ତେ କ୍ଷମତା ପ୍ରଦାନ କରନ୍ତି, ଯାହାର ଉଦ୍ଦେଶ୍ୟ ହେଉଛି ପ୍ରାର୍ଥୀଙ୍କୁ ଜୟଯୁକ୍ତ କରାଇବା, ତା'ହେଲେ ଉକ୍ତ ବ୍ୟକ୍ତିଙ୍କୁ ପଞ୍ଚଶତ ଟଙ୍କା ଜୋରିମାନାରେ ଦଣ୍ଡିତ କରାଯିବ ।

ଉଲ୍ଲେଖ ଥାଉ ଯେ, ଯଦି କୌଣସି ବ୍ୟକ୍ତି ଏପରି ଖର୍ଚ୍ଚ କରିଥାନ୍ତି ଏବଂ ଏହା ଦଶ ଟଙ୍କାରୁ ଊର୍ଦ୍ଧ୍ୱ ହୋଇ ନ ଥାଏ ଏବଂ ଏହି ଟଙ୍କା ଖର୍ଚ୍ଚ କରିବାର ଦଶଦିନ ମଧ୍ୟରେ ପ୍ରାର୍ଥୀଙ୍କର ଲିଖିତ ଅନୁମୋଦନ ଗ୍ରହଣ କରନ୍ତି, ତା'ହେଲେ ସେ ପ୍ରାର୍ଥୀଙ୍କ କ୍ଷମତା ବଳରେ ଉକ୍ତ ଅର୍ଥ ଖର୍ଚ୍ଚ କରିଛନ୍ତି ବୋଲି ଧରାଯିବ ।

**୧୭୧-ଝ— ନିର୍ବାଚନ ହିସାବ ରଖିବାରେ ଅକୃତକାର୍ଯ୍ୟତା :**

ବଳବତ୍ତର ଆଇନ ବଳରେ କିମ୍ୱା କୌଣସି ନିୟମ ବଳରେ, କୌଣସି ବ୍ୟକ୍ତି ଯଦି କୌଣସି ନିର୍ବାଚନରେ ଖର୍ଚ୍ଚ ହୋଇଥିବା ଅର୍ଥର ସଠିକ୍ ହିସାବ ନ ରଖନ୍ତି, ତାଙ୍କୁ ପଞ୍ଚଶତ ଟଙ୍କା ଜୋରିମାନାରେ ଦଣ୍ଡିତ କରାଯିବ ।

(ଉତ୍ସ—ଲିଗାଲ ମିସିଲେନୀଙ୍କ ଦ୍ୱାରା ପ୍ରକାଶିତ ଓଡ଼ିଶା ଗ୍ରାମପଞ୍ଚାୟତ ମାନୁଏଲ୍ ଓ ପଞ୍ଚାୟତ ସମିତି ମାନୁଏଲ୍, ଓଡ଼ିଶା ଲ ରିଭ୍ୟୁଙ୍କ ଦ୍ୱାରା ମୁଦ୍ରିତ, ଓଡ଼ିଶା ଜିଲ୍ଲା ପରିଷଦ ମାନୁଆଲ ଓ ''ଦି'' 'ଲ' ହାଉସ୍‌ଙ୍କ ଦ୍ୱାରା ପ୍ରକାଶିତ ଭାରତୀୟ ଦଣ୍ଡବିଧି ଆଇନ୍)

---

OGP—MP—PTS (U-5) (S.E.C.) 97—15,000 Bks.—13-12-2016